# Akashvani, Sambalpur

## SAMBALPURI NEWS EVENING BULLETIN

## 14 September 2024- 7.02 pm- 7.12 pm.

*********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଓଡ଼ିଶା ନ ୩ ଟା ସହେତେ ମୋଟ୍ ୬ ଟା ବନ୍ଦେ ଭାରତ୍ ଏକ୍ସପ୍ରେସ୍‌ର କର୍‌ବେ ଶୁଭାରମ୍ଭ ।

୨- ପରିବାର୍‌ର ସବୁ ମହିଳା ସଦସ୍ୟଙ୍କୁ ସୁଭଦ୍ରା ଯୋଜ୍‌ନାଥି ସାମିଲ୍ କରାଯିବା - କହେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ।

୩- ହାଇକୋର୍ଟ ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା କୋର୍ଟ ନ ହେଲା ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ।

ଆଉର୍

୪- ସାରା ଦେଶେ ଆଏଜ୍ ପାଲିତ୍ ହେଉଛେ ହିନ୍ଦୀ ଦିବସ୍ ।

- ହିନ୍ଦୀକେ ରାଜ୍‌ଭାଷା ମାଏନ୍‌ତା ଦେବାର୍ ଆଏଜ୍ ପୁର୍‌ଲା ୭୫ ବଛର୍ ।

ବନ୍ଦେ ଭାରତ୍ ଟ୍ରେନ୍- ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଓଡ଼ିଶା ନ ୩ ଟା ସହେତେ ମୋଟ୍ ୬ ଟା ବନ୍ଦେ ଭାରତ୍ ଏକ୍ସପ୍ରେସ୍‌ର ଶୁଭାରମ୍ଭ କର୍‌ବେ । ଝାର୍‌ଖଣ୍ଡ୍‌ର ଟାଟା ନଗର୍ ଠାନେ ହେବାର୍‌କେ ଥିବାର୍ ଇ କାର୍ଯ୍ୟକ୍ରମ୍‌ଥି ଟାଟାନଗର୍-ବ୍ରହ୍ମପୁର୍, ହାଓ୍ଵଡ଼ା- ଟାଟାନଗର୍-ରାଉର୍‌କେଲା, ଦୁର୍ଗ-ବିଶାଖାପାଟ୍‌ନମ୍, ଟାଟା ନଗର୍- ପାଟ୍‌ନା, ହାଓ୍ଵଡ଼ା-ଧାନ୍‌ବାଦ-ଗୟା, ହାଓ୍ଵଡ଼ା-ଡୁମ୍‌କା-ଭାଗଲ୍‌ପୁର୍ ଟ୍ରେନ୍‌ର ଶୁଭାରମ୍ଭ ହେବା । ଇ ଅବ୍‌ସରେ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏବା କାଏଲ୍ ବ୍ରହ୍ମପୁର୍ ନ ହେବାର୍‌କେ ଥିବାର୍ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଇତାର୍ ଆଘୋନୁ ସେ ଟାଟାନଗର୍ ଠାନେ ଇ କାର୍ଯ୍ୟକ୍ରମ୍‌ର ପ୍ରସ୍ତୁତି ନେଇକରି ସମୀକ୍ଷା କରିଛନ୍ ।

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶାଗସ୍ତ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ମଙ୍ଗଲ୍‌ବାର୍ ୧୭ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସୁଛନ୍ । ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ଠାନେ ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବାର୍ ସହେତେ ଜନସଭାକେ ସମ୍ବୋଧନ୍ କର୍‌ବେ । ଇ ଗସ୍ତ

ସମିଆଥି ପ୍ରଧାନ୍‌ମନ୍ତ୍ରୀ ପି.ଏମ୍. ଆବାସ ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ କାର୍ଯ୍ୟାଦେଶ୍ ଭିଲ୍ ବାଂଟ୍‌ବେ । ଇ ଯୋଜ୍‌ନାର୍ ପହେଲା କିସ୍ତି ବାବ୍‌ଦେ ୩ ହଜାର୍ ୮ ଶହ ୧୦ କୋଟି ଟଙ୍କା ହିତାଧିକାରୀମାନ୍‌କର୍ ବେଙ୍କ୍ ଏକାଉଂଟ୍‌କେ ଡିଜିଟାଲ୍ ଜରିଏ ଦିଆଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଇ ଗସ୍ତକେ ନଜର୍‌ଥି ରଖିକରି ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟ ଗୃହ ସଚିବ, ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍‌ର ସଚିବ, ଗୁଇନ୍ଦା ନିର୍ଦ୍ଦେଶକ, ଭୁବ୍‌ନେଶ୍ୱର- କଟକ୍ ପୁଲିସ୍ କମିଶନର୍ ଆଉ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟକ୍ରମ୍ ଅବ୍‌ସରେ ହଜାର୍ ହଜାର୍ ସଂଖ୍ୟାଥି ମହିଳାମାନେ ସାମିଲ୍ ହେବେ । ହେଥିର୍‌ଲାଗି କାର୍ଯ୍ୟକ୍ରମ୍‌ଥି ଭିଡ଼୍ ନିୟନ୍ତ୍ରଣ୍ ସହେତେ ଶାନ୍ତିଶୃଙ୍ଖଳା ରକ୍ଷା ଉପ୍‌ରେ ବିସ୍ତୃତ୍ ଭାବେ ଆଲୋଚନା ହେଇଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟକ୍ରମ୍‌କେ ଠିକ୍ ଭାବେ ପରିଚାଲନା ଲାଗି ରାଜ୍ୟ ସର୍‌କାର୍ ୫୦ ଝନ୍ ଅଧିକାରୀଙ୍କୁ ନିୟୋଜିତ କରିଛନ୍ ।

ଉପମୁଖ୍ୟମନ୍ତ୍ରୀ -ଆକାଶ୍‌ବାଣୀ କଟକ୍    ଆର୍‌ଏନ୍‌ୟୁ/ କଟକ୍

ପରିବାର୍ ସବୁ ମହିଳା ସଦସ୍ୟଙ୍କୁ ସୁଭଦ୍ରା ଯୋଜ୍ନାଥି ସାମିଲ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସାମ୍ବାଦିକ୍ ମାନ୍କର୍ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍ । ସୁଭଦ୍ରା ଯୋଜ୍ନା ସବୁ ହିତାଧିକାରୀମାନ୍କର୍ ପାଖେ ଠିକ୍ କରି ପୁହୁଁଚିବା ସେଥିର୍ଲାଗି ରାଜ୍ୟ ସର୍କାର୍ ଧ୍ୟାନ୍ ଦେଇଛନ୍ । ଶେଷ୍ ହିତାଧିକାରୀଙ୍କୁ ଭିଲ୍ ଯୋଜ୍ନାଥି ସାମିଲ୍ କର୍ବାର୍ତକ୍ ସୁଭଦ୍ରା ଯୋଜ୍ନାର୍ ପଞ୍ଜିକରଣ୍ ଚାଲୁ ରହେବା । ପହେଲା କିସ୍ତି ଆଏବା ୧୭ ତାରିଖ୍ ଦିନ ହିତାଧିକାରୀମାନ୍କୁ ଦିଆଯିବା ଆଉ ୨ ନମ୍ବର୍ କିସ୍ତି ମାର୍ଚ୍ଚ ୮ ତାରିଖ୍ଥି ମିଲ୍ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ । ସେନ୍ତା ପଞ୍ଜିକରଣ୍ଥି ହିତାଧିକାରୀମାନ୍କୁ ଯେନ୍ତା କେନ୍ସି ଅସୁବିଧାର୍ ସାମ୍ନା କର୍ବାର୍ ନାଇଁ ପଡ଼୍ବା ସେଥିର୍ଲାଗି ପଞ୍ଜିକରଣ୍ ପ୍ରକ୍ରିୟାକେ ସହଜ୍ କରାଯାଇଛେ । ଆକାଶ୍ବାଣୀ- କଟକ୍ କେନ୍ଦ୍ର ପରିଦର୍ଶନ୍ ସମିଆଥି ଶ୍ରୀମତୀ ପରିଡ଼ା 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ୍ ଅଭିଯାନ୍ଥି ସାମିଲ୍ ହେଇକରି ଗଛ୍ ଲଗେଇଥିଲେ ।

ସୁଭଦ୍ରା ଯୋଜ୍ନା-ଉପମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ କଟକ୍

ରାଏଜେ ସୁଭଦ୍ରା ଯୋଜ୍‌ନାଥି ସାମିଲ୍ ହେବାର୍ ଲାଗି ଗଲା କାଏଲ୍‌ତକ୍ ୫୦ ଲାଖ୍ ମହିଳା ଆବେଦନ୍ କରିସାରିଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଇ ଯୋଜ୍‌ନାଥି ଆଏବା କାଏଲ୍‌ତକ୍ ଆବେଦନ୍ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ୧୭ ତାରିଖ୍‌ଥି ପହେଲା କିସ୍ତିର ଟଙ୍କା ଦେବାର୍‌କେ ପଦକ୍ଷେପ୍ ନିଆଯାଉଛେ । ଇ ଯୋଜ୍‌ନାଥି ପ୍ରୋତ୍ସାହନ୍ ଟଙ୍କା ବେଙ୍କ ଏକାଉଂଟ୍ କି ପୋଷ୍ଟାଲ୍ ଏକାଉଂଟ୍ ଜରିଏ ଦିଆଯିବା । ସେନ୍ତା ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ଜନସଚେତନତା ବଢ଼ାବାର୍‌କେ ସର୍‌କାର୍‌ଙ୍କର୍ ତର୍‌ଫୁ ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଇଛେ । ସାରା ରାଏଜେ ଆଏବା କାଏଲ୍ ସୁଭଦ୍ରା ସ୍ୱାଗତ ପଦଯାତ୍ରାର୍ ଆୟୋଜନ୍ କରାଯାଉଛେ । ଭୁବ୍‌ନେଶ୍ୱର୍‌କୁ ନେଇକରି ଫି' ରାଜସ୍ୱ ଗାଁ ନ ଇତାର୍ ଆୟୋଜନ୍ ଲାଗି ଖାସ୍ ବ୍ୟବସ୍ଥା କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

## ରାଷ୍ଟ୍ରୀୟ ଲୋକ୍‌ଅଦାଲତ

ସମ୍ବଲପୁର/ନୂଆପଡ଼ା/କଲାହାଣ୍ଡି/ସୁବର୍ଣ୍ଣପୁର/ବୌଦ୍ଧ

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେଇଯାଇଛେ । ହାଇକୋର୍ଟ ସହେତେ ଭିନ୍ ଭିନ୍

ନିମ୍ନ ଅଦାଲତ୍ ଆଉ ତାଲୁକ୍ସ୍ତରୀୟ ଅଦାଲତ୍ ମାନ୍‌କେ ଚିହ୍ନଟ୍ ହେଇଥିବା ମାମ୍‌ଲା ମାନ୍‌କର୍ ଆପୋଷ ଆଲୋଚନା ଜରିଏ ସମାଧାନ୍ ହେଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ତର୍‌ଫୁ ହେଇଥିବା ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍‌ଥି ମୋଟର ଯାନ ଦୁର୍ଘଟଣା ଜନିତ ୧୧ ଟା ମାମ୍‌ଲାର୍ ସମାଧାନ୍, ୧୬ ଟା ପରିବାର୍ ସଂକ୍ରାନ୍ତୀୟ ମାମ୍‌ଲାର୍ ଫଏସଲା କରାଯାଇଛେ । ଇତାର୍‌ସହେତେ ୪ ଶହ ୧ ଟା ଫୌଜଦାରୀ ମକ୍‌ଦ୍ଦମା ଆଉ ରାଜସ୍ୱ ବିଭାଗ୍‌ର ୪ ହଜାର୍ ୬ ଶହ ୭୪ ଟା ମାମ୍‌ଲାର୍ ଫଇସଲା ହେଇଛେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କୋର୍ଟ ପରିସର ନ ହେଇଥିବା ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍‌ଥି ସିଭିଲ୍ ଜଜ୍ ସିନିଅର୍ ଡିଭିଜନ୍ କୋର୍ଟର ୧୪ ଟା ସିଭିଲ୍ ମାମ୍‌ଲା, ଗୁଟେ ବେଙ୍କ୍ ମାମ୍‌ଲା ଆଉ ଗୁଟେ ପାରିବାରିକ୍ ମାମ୍‌ଲାର୍ ଫଇସଲା କରାଯାଇକରି ୧୬ ଲାଖ୍ ୨୮ ହଜାର୍ ୩ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛେ ।

କଲାହାଣ୍ଡି ଜିଲ୍ଲା ନ ହେଇଥିବା ରାଷ୍ଟ୍ରୀୟ ଲୋକ୍‌ଅଦାଲତଥି ମୋଟ୍ ୪ ହଜାର୍ ୮ ଶହ ୮୪ ଟା ମାମ୍‌ଲା ଫଇସଲା କରାଯାଇଛେ । ୨୧ ଟା ମୋଟର୍ ଦୁର୍ଘଟଣା ଜନିତ ମାମ୍‌ଲାର୍

ସମାଧାନ୍ କରାଯାଇକରି କ୍ଷତିପୂରଣ୍ ବାବ୍‌ଦେ ୧ କୋଟି ୭୫ ଲାଖ୍ ୨୫ ହଜାର୍ ଟଙ୍କା ଦିଆଯାଇଛେ ।

ସୁବର୍ଣ୍ଣପୁର୍ କୋର୍ଟେ ନ ହେଇଥିବା ରାଷ୍ଟ୍ରୀୟ ଲୋକ୍‌ଅଦାଲତଥି ୧୯ ଝନ୍ ବିଚାର୍‌ପତି ୩ ହଜାର୍ ୫ ଶହ ୩୩ ଟା ମାମ୍‌ଲାର୍ ବିଚାର୍ କରିକରି ୩ ଶହ ୨୫ ଟା ମାମ୍‌ଲାର୍ ଆପୋଷ ସମାଧାନ୍ କରିଛନ୍ । ଭିନ୍ ଭିନ୍ ମାମ୍‌ଲାର୍ ବିଚାର୍ କରିକରି ଫଏସଲା କରାଯାଇଥିବାର୍ ବେଲେ ମୋଟ୍ ୪୭ ଲାଖ୍ ୩୮ ହଜାର୍ ୫ ଶହ ୩୬ ଟଙ୍କା ଆଦାୟ କରାଯାଇଛେ ।

ବୌଦ୍ଧ ଜିଲ୍ଲା କୋର୍ଟେ ନ ରାଷ୍ଟ୍ରୀୟ ଲୋକ୍‌ଅଦାଲତ ହେଇଯାଇଛେ । ଇ ଲୋକ୍‌ଅଦାଲ୍‌ତ୍‌ଥି ଭିନ୍ ଭିନ୍ ବିଭାଗ୍‌ର ୫୫ ଟା ବିଚାର୍‌ଧୀନ୍ ମାମ୍‌ଲା ଆଉ ୨୧ ଟା ପ୍ରାକ୍ ମାମ୍‌ଲାର୍ ବିଚାର୍ କରାଯାଇକରି ମୋଟ୍ ୬୪ ଲାଖ୍ ୪୦ ହଜାର୍ ଟଙ୍କା ଆଦାୟ କରାଯାଇଛେ । ସେନ୍ତା କଂଟାମାଲ୍ ଆଉ ହର୍‌ଭଙ୍ଗା କୋର୍ଟେ ପରିସର ନ ଭିଲ୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ ହେଇଥିଲା ।

ବଲାଙ୍ଗିର୍ ଜିଲ୍ଲା ନ ହେଇଥିବା ରାଷ୍ଟ୍ରୀୟ ଲୋକ୍‌ଅଦାଲତଥି ମୋଟ୍ ୬ ହଜାର୍ ୧୧ ଟା ମାମ୍‌ଲାର୍ ଫଇସଲା କରାଯାଇଛେ ।

ହିନ୍ଦୀ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ସାରା ଦେଶେ ଆଏଜ୍ ହିନ୍ଦୀ ଦିବସ୍ ପାଲନ୍ କରାଯାଉଛେ । ୧୯୪୯ ମସିହା ଆଝିର୍ ଦିନେ ସମ୍ବିଧାନ୍ ସଭା ଦେବ୍ନାଗରୀ ଲିପିଥି ଲିଖିତ ହିନ୍ଦୀକେ ଦେଶର୍ ସର୍କାରୀ ଭାଷା ଭାବେ ଗ୍ରହଣ୍ କରିଥିଲା । ଇଅବ୍ସରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସେନ୍ତା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ ଯେ, ଦେଶ୍କେ ଏକ୍ଜୁଟ୍ ରଖ୍ବାର୍ କ୍ଷେତ୍ରଥି ହିନ୍ଦୀ ଭାଷା ଅଭୁତପୂର୍ବ ଭୂମିକା ନିର୍ବାହ କରୁଛେ । ହିନ୍ଦୀ ଆର୍ ଅଲଗା ଭାଷା ଭିତ୍ରେ କେନ୍ସି ପ୍ରତିଯୋଗିତା ନାଇଁ ହେବାର୍ । ନୂଆଦିଲ୍ଲୀ ନ ଆଏଜ୍ ରାଜଭାଷା ହିରକ୍ ଜୟନ୍ତୀ ସମାରୋହ ଆର୍ ୪ ନମ୍ବର୍ ଅଖିଳ ଭାରତୀୟ ରାଜଭାଷା ସମ୍ମିଲନୀକେ ଉଦ୍ଘାଟନ୍ କର୍ବାର୍ ଅବ୍ସରେ ଶ୍ରୀ ଶାହା କହିଛନ୍ ଯେ, ସବୁ ଭାଷାକେ ମଜ୍ବୁତ୍ କରିପାର୍ଲେ ଗୁଟେ ମଜ୍ବୁତ୍ ଦେଶ୍ ତିଆର୍ ହେଇପାର୍ବା । ଜାତୀୟ ଶିକ୍ଷାନୀତିଥି ଇ ପ୍ରସଙ୍ଗ ଉପ୍ରେ ଗୁରୁତ୍ୱ ଦିଆଯାଇଛେ । ଛାତ୍ରଛାତ୍ରୀମାନ୍କୁ ସେମାନ୍କର୍ ମାତୃଭାଷାଥି ଶିକ୍ଷାଦାନ୍ ଲାଗି ବ୍ୟବସ୍ଥା ଭିଲ୍ କରାଯାଇଛେ । ଶ୍ରୀ ଶାହା କହିଛନ୍ ଯେ, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଗଲା ୧୦ ବଛ୍ରେ ହିନ୍ଦୀ ଆର୍ ଅଲ୍ଗା ଆଂଚଲିକ୍ ଭାଷା ମାନ୍କେ ଆଗ୍କେ ନେବାର୍ ଲାଗି ବହୁତ୍ଟେ ପଦକ୍ଷେପ୍ ନିଆଯାଇଛେ । ଇ ଅବ୍ସର ଶ୍ରୀ ଶାହା 'ରାଜଭାଷା ଭାରତୀ' ପତ୍ରିକାର୍ ହିରକ ଜୟନ୍ତୀ

ସ୍ୱତନ୍ତ୍ର ସଂସ୍କରଣ୍‌କେ ଉନ୍ମୋଚନ୍ କରିଛନ୍ । ଇତାର୍‌ସହେତେ ରାଜଭାଷା ଗୌରବ୍ ଆର୍ ରାଜଭାଷା କିର୍ତି ପୁରସ୍କାର୍ ଦେଇଛନ୍ ।

ସ୍ୱଚ୍ଛତା ହିଁ ସେବା ପକ୍ଷ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଆଏବା ୧୭ ତାରିଖ୍‌ନୁ ଅକ୍ଟୋବର୍ ୨ ତାରିଖ୍‌ତକ୍ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଲନ୍ କରାଯିବା । ଇତାକେ ନେଇକରି ଆଏଜ୍ ଜିଲ୍ଲାସ୍ତରୀୟ ଦୁଇ ନମ୍ବର୍ ତୟାରି ବୈଠକ୍ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ସ୍ୱଚ୍ଛତା ହିଁ ସେବା ପକ୍ଷଥି ମେଗା ସ୍ୱଚ୍ଛତା ଡ୍ରାଇଭ୍, ଅଳିଆ ଆଉ ବର୍ଜ୍ୟବସ୍ତୁ ଥିବା ଜାଗାକେ ସଫା କର୍‌ବାର୍, ପରିମଳ କର୍ମଚାରୀଙ୍କୁ ସମ୍ମାନ୍ ଦେବାର୍ ଲାଗି ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ବୌଦ୍ଧ -ସ୍ୱଚ୍ଛତା ହିଁ ସେବା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍‌ର ତୟାରି ଲାଗି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ । ଆଏବା ୧୭ ତାରିଖ୍‌ନୁ

ଅକ୍ଟୋବର୍ ୨ ତାରିଖ୍‌ତକ୍ ଜିଲ୍ଲାର୍ ସବୁ ବ୍ଲକ୍, ପଂଚାୟତ୍ ଆଉ ଗାଁ ମାନ୍‌କେ ସ୍ୱଚ୍ଛତା ପକ୍ଷ ପାଲନ୍ କରାଯିବା ।

ସ୍ୱଚ୍ଛ ଭାରତ୍ ଅଭିଯାନ୍ ମିଶନ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସ୍ୱଚ୍ଛ ଭାରତ୍ ଅଭିଯାନ୍ ମିଶନ୍‌ର ୧୦ ବଛର୍ ପୂର୍ତି ପାଲନ୍‌କେ ନେଇକରି ସୁବର୍ଣ୍ଣପୁର୍ ଜିଲ୍ଲା ନ ଜବର୍ ପ୍ରସ୍ତୁତି ଚାଲିଛେ । ଇତାକେ ନେଇକରି ଜିଲ୍ଲାପାଲ୍ ଅନ୍ୟା ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଆଏବା ୧୭ ତାରିଖ୍‌ନୁ ଅକ୍ଟୋବର୍ ୨ ତାରିଖ୍ ଭିତ୍‌ରେ ସ୍ୱଚ୍ଛତା ଅଭିଯାନ୍‌କେ ଜୋର୍‌ଦାର୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ । ସୁବର୍ଣ୍ଣପୁର୍, ତର୍‌ଭା ଆଉ ବିନ୍‌କା ପୌରାଂଚଲ୍ ସହେତେ ଜିଲ୍ଲାର୍ ଗାଁ ଇଲାକା ନ ସ୍ୱଚ୍ଛତା ଅଭିଯାନ୍‌କେ ସଫଲ୍ କର୍‌ବାର୍‌କେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜୋର୍ ଦିଆଯାଉଛେ ।

ସୁବର୍ଣ୍ଣପୁର୍ ସୁଭଦ୍ରା ରଥ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁଭଦ୍ରା ଯୋଜ୍‌ନାକେ ଠିକ୍‌କରି ହିତାଧିକାରୀମାନ୍‌କର୍ ପାଖେ ପୁହୁଁଚାବାର୍ ଲାଗି ସୁବର୍ଣ୍ଣପୁର୍ ଜିଲ୍ଲା ନ ସୁଭଦ୍ରା ରଥ

ପରିକ୍ରମା କରୁଛେ । ଜିଲ୍ଲାର୍ ୬ ଟା ବ୍ଲକ୍‌ର ଶହେ ୯ ଟା ଗ୍ରାମ୍‌ପଂଚାୟତ୍ ନ ଇ ସଚେତନତା ରଥ ବୁଲିକରି ଯୋଜ୍‌ନାର୍ ଲକ୍ଷ୍ୟ ଆଉ ପଞ୍ଜିକୃତ ହେବାର୍ ଲାଗି ଥିବା ନୀତି ନିୟମ୍ ଉପ୍‌ରେ ଲୁକ୍‌କୁ ସଚେତନ୍ କରୁଛେ । ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଇ ସଚେତନତା କାର୍ଯ୍ୟକ୍ରମ୍‌ଥି ନିୟୋଜିତ ହେଇଛନ୍ ।

ନୂଆପଡ଼ା ସୁଭଦ୍ରା ରଥ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ନ ଆଏଜ୍ ସୁଭଦ୍ରା ରଥର ଶୁଭାରମ୍ଭ ହେଇଛେ । ଇ ରଥକେ ବ୍ଲକ୍ ଅଧ୍ୟକ୍ଷା ପ୍ରେମଶିଳା ନାଗ ଶୁଭାରମ୍ଭ କରିଥିଲେ । ବ୍ଲକ୍‌ର ୧୫ ଟା ପଂଚାୟତ୍‌କେ ବୁଲିକରି ଇ ରଥ ସୁଭଦ୍ରା ଯୋଜ୍‌ନା ଉପ୍‌ରେ ଲୁକ୍‌କୁ ସଚେତନ୍ କର୍‌ବା ।

ସାମାଜିକ୍ ସୁରକ୍ଷା ଯୋଜ୍‌ନା          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ସାମାଜିକ ସୁରକ୍ଷା ଯୋଜ୍‌ନାଥି ସାହାଜ୍ ପାଉଥିବା ଛୁଆ ଆଉ ତାଙ୍କର୍ ଅଭିଭାବକ୍‌ମାନ୍‌କେର୍ ଲାଗି ଗୁଟେ ସଚେତନ୍‌ତା କାର୍ଯ୍ୟକ୍ରମ୍

ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଯୋଗ୍ ଦେଇକରି ଶିକ୍ଷା ଆଉ ସ୍ୱାସ୍ଥ୍ୟ ଦିଗେ ସଚେତନ୍ ହେବାର୍ ଲାଗି ଛୁଆମାନ୍‌କୁ ପରାମର୍ଶ ଦେଇଥିଲେ । ସର୍‌କାର୍‌ଙ୍କର୍ ସାମାଜିକ୍ ସୁରକ୍ଷା ଯୋଜ୍‌ନାଥି ନୂଆକରି ଜୁଡ଼ି ହେଇଥିବା ୮ ଝନ୍ ଛୁଆଙ୍କୁ ଜିଲ୍ଲାପାଲ୍ ସାହାଜ୍ ଟଙ୍କାର ଚେକ୍ ଦେଇଥିଲେ ।

ନୂଆପଡ଼ା -ପୋଷଣ ମାସ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞାପିତ ଅଂଚଲ୍ ପରିଷଦ୍ ମୁକ୍ତାପୁର୍ ଅଙ୍ଗନବାଡ଼ି କେନ୍ଦ୍ର ନ ଆଏଜ୍ ପୋଷଣ ମାସ ପାଲିତ୍ ହେଇଯାଇଛେ । ଇଥି ସବୁ ଅଙ୍ଗନବାଡ଼ି କର୍ମୀ, ଟୁକେଲ୍, ଗର୍ଭବତୀ ମହିଲା ଆଉ ଶିଶୁମାନେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା ।

କେଶରାଜ୍‌ପୁର୍ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ୍

ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ କେଶରାଜ୍‌ପୁର୍ ଆଦର୍ଶ ବିଦ୍ୟାଳୟର୍ ୧୦ ନମ୍ବର୍ ପ୍ରତିଷ୍ଠା ଦିବସ୍ ଆଏଜ୍ ପାଲିତ୍

ହେଇଯାଇଛେ । ବିଦ୍ୟାଲୟର୍ ଅଧ୍ୟକ୍ଷ ଚିତରଞ୍ଜନ୍ ମଠାରୀଙ୍କର୍ ଅଧ୍ୟକ୍ଷତାଥି କାର୍ଯ୍ୟକ୍ରମ୍ ହେଇଥିଲା । ଇ ଅବ୍ସରେ ବିଦ୍ୟାଲୟର୍ ଛାତ୍ରଛାତ୍ରୀମାନ୍କର୍ ଭିତ୍ରେ ହେଇଥିବା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନ୍କୁ ପୁରସ୍କୃତ କରାଯାଇଥିଲା ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲପୁର

ଦକ୍ଷିଣ ପୂର୍ବ ବାଂଲାଦେଶ୍ ଆର୍ ଇତାର୍ ଆଖର୍ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଲୟ ସୃଷ୍ଟି ହେଇଛେ । ଇତାର୍ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା କାଏଲ୍ ସମ୍ବଲ୍ପୁର୍, ସୁନ୍ଦର୍ଗଡ୍, ଦେବ୍ଗଡ୍, ବୌଦ୍ଧ, କଲାହାଣ୍ଡି, ସହେତେ ରାଜ୍ୟର୍ ୧୩ ଟା ଜିଲ୍ଲା ନ ୭ ନୁ ୧୧ ସେଂଟିମିଟର୍ ତକ୍ ବର୍ଷା ହେଇପାରେ । ଇଥିର୍ଲାଗି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।